ନିତିଦିନ
NITIDIN
BHUBANESWAR - 27 Nov 2024 - Page 9

# 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' ଜାତୀୟ ଆଲୋଚନାଚକ୍ର



**ପୁରୀ,୨୬।୧୧/ଏନ୍‌ଏନ୍‌ଏସ୍:** ସାହିତ୍ୟ ଅକାଦେମୀ, ନୂଆଦିଲ୍ଲୀ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ଶୀର୍ଷକ ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଶ୍ରୀନିବାସ ବରଖେଡିଙ୍କ ସଂରକ୍ଷଣରେ ଏବଂ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ସ୍ୱାଗତ ଭାଷଣ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ସଚିବ କେ. ଶ୍ରୀନିବାସ ରାଓ ପ୍ରଦାନ କରିଥିବା ବେଳେ ବୀଜ ପ୍ରବକ୍ତା ଭାବେ ଯୋଗ ଦେଇଥିଲେ। ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପ୍ରାକ୍ତନ କୁଳପତି ତଥା ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ସଂସ୍କୃତ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ। ଏହି ଆଲୋଚନାଚକ୍ରରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର କୁଳପତି ପ୍ରଫେସର ଜି.ଏସ୍.ଆର୍. କୃଷ୍ଣମୂର୍ତ୍ତି ଏବଂ ସ୍ୱତନ୍ତ୍ର ଅତିଥିଭାବେ ଯୋଗ ରାଜେନ୍ଦ୍ର ନାରାୟଣ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ତଥା ପ୍ରଖ୍ୟାତ ସଂସ୍କୃତ ବାଗ୍ମୀ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଆଙ୍ଗିକ ଏବଂ ଆତ୍ମିକ ବିଭବ ଉପରେ ବିବିଧ ପ୍ରକାର ଚର୍ଚ୍ଚା କରିଥିଲେ। ପରେ ବୈଷୟିକ ଅଧିବେଶନ ଆରମ୍ଭ ହୋଇ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆସିଥିବା ଅଧ୍ୟାପକ ଅଧ୍ୟାପିକା ଏବଂ ଗବେଷକ ଗବେଷିକାମାନେ ସେମାନଙ୍କର ସନ୍ଦର୍ଭ ପାଠ କରିଥିଲେ। ଏହି ବୈଷୟିକ ଅଧିବେଶନରେ ପ୍ରଫେସର ବସନ୍ତ କୁମାର ମିଶ୍ର, ପ୍ରଫେସର ସିମାଞ୍ଚଳ ପଣ୍ଡା, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଫେସର ପ୍ରଭାତ ରଂଜନ ମହାପାତ୍ର, ଡ. ନୃସିଂହନାଥ ଗୁରୁ, ପ୍ରଫେସର ହରିହର ପଣ୍ଡା, ପ୍ରଫେସର ସି. ଲଳିତାରାଣୀ, ଡକ୍ଟର ପାରମିତା ପଣ୍ଡା, ଡକ୍ଟର ନିରଞ୍ଜନ ମିଶ୍ର, ଡକ୍ଟର ଭାରତ ଭୂଷଣ ରଥ ପ୍ରମୁଖ ଯୋଗଦେଇ ଏହି ଶୀର୍ଷକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଷୟିକ ଅଧିବେଶନର ସଂଯୋଜକ ଡକ୍ଟର ରୁଦ୍ରପ୍ରସାଦ ମିଶ୍ର ଏବଂ ଡକ୍ଟର ସୁବ୍ରତ କୁମାର ଷଡ଼ଙ୍ଗୀ ରହିଥିବା ବେଳେ ଏହି ସମଗ୍ର କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ସୁଶାନ୍ତ କୁମାର ରାଜ୍ ଏବଂ ସୁଗ୍ମ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ର ରହିଥିଲେ ଏବଂ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।